# Akashvani, Sambalpur

## SAMBALPURI NEWS BULLETIN

### 01 October 2025 – 6.47- 6.52 am.

*******************************************

ଦୁର୍ଗାପୂଜା ଆର୍‌ଏନ୍‌ୟୁ / ସମ୍ବଲପୁର

ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ପୂଜାର୍ ଲାଗି ରାଜ୍ୟର୍ ଗାଁ ସହର୍ ସବୁନ ଗହକି ଲାଗିଛେ । ମନ୍ଦିର୍ ଆର୍ ପୂଜା ମଣ୍ଡପ୍ ମାନ୍ ସୁନ୍ଦର୍ ସାଜ୍‌ସଜା ଆର୍ ଆଲୋକମାଳାଥି ଝଲ୍‌ସୁଛେ । ଶକ୍ତିପୀଠ ମାନ୍‌କେ ଗଲାକାଏଲ୍ ଦେବୀଙ୍କର୍ ନଅମି ପୂଜା ହେଇଥିବାର୍ ବେଲେ ପୂଜା ମଣ୍ଡପ୍‌ମାନ୍‌କୁ ଆଏଜ୍ ନଅମୀ ପୂଜା କରାଯାଉଛେ ।

ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ବଲାଙ୍ଗିର୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍ , ନୂଆପଡ଼ା, କଲାହାଣ୍ଡି, ସୁବର୍ଣ୍ଣପୁର୍, ବୌଦ୍ଧ, ଦେବ୍‌ଗଡ଼୍ ଜିଲ୍ଲା ନ ଥିବାର୍ ଶକ୍ତିପୀଠ ଆର୍ ପୂଜା ମଣ୍ଡପ୍ ନ ଷୋଡ଼ଶ ଉପଚାର୍‌ଥି ମା'ଙ୍କୁ ପୂଜା କରାଯାଉଛେ । ଆଏଜ୍ ଦଶ୍‌ରା ଲାଗି ସମ୍‌ଲେଇ ଗୁଡ଼ି ନ ମା'ଙ୍କର୍ ସ୍ୱତନ୍ତ୍ର ନୀତିକାନ୍ତିଥି ପୂଜା ଚାଲିଛେ । ସୁରେଶ୍ୱରୀ, ପାଟଣେଶ୍ୱରୀ, ମାଣିକେଶ୍ୱରୀ, ଭୈରବୀ, ରାମଚଣ୍ଡି, ମାହେଶ୍ୱରୀଙ୍କର୍ ସହେତେ ଦେବୀ ପୀଠମାନ୍‌କେ ରୀତିନୀତି ଅନ୍‌ସାରେ ପୂଜା ଚାଲିଛେ ।

ସେଆଡ଼େ ପୁରୀ ଶ୍ରୀମନ୍ଦିର ନ ଆଏଜ୍ ମା ବିମଳାଙ୍କର୍ ବିଶ୍ରାମ୍ ପୂଜା ଚାଲିଥିଲା ବେଲ୍‌କେ ଆଏବା କାଏଲ୍ ଦଶ୍‌ରା ପୂଜା ହେବା । ଇ ଅବ୍‌ସରେ ରତ୍ନସିଂହାସନ୍‌ଥି ମହାପ୍ରଭୁଙ୍କର୍ ସୁନାବେଶ ହେବା ।

ପ୍ରଧାନ୍‌ମନ୍ତ୍ରୀ- ଆର୍‌ଏସ୍‌ଏସ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ- ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ସମାରୋହଥି ଯୋଗ୍ ଦେବେ । ନୂଆଦିଲ୍ଲୀର୍ ଆମ୍ବେଦ୍‌କର୍ ଅନ୍ତର୍ଜାତୀୟ କେନ୍ଦ୍ର ନ ହେବାର୍‌କେ ଥିବା ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ସମ୍ବୋଧିତ୍ କର୍‌ବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଦେଶ୍ ଲାଗି ଆର୍‌ଏସ୍‌ଏସ୍‌ର ଅବଦାନ୍‌କେ ଦର୍ଶେଇକରି ଖାସ୍ କରି ତିଆର୍ କରାଯାଇଥିବା ସ୍ମାରକୀ ଡାକଟିକଟ୍ ଆଉ ମୁଦ୍ରାକେ ଉନ୍ମୋଚନ୍ କର୍‌ବେ ବଲି ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍‌ଠାନୁ କେନ୍ଦୁଝର ଗସ୍ତ କରି କରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଦୁଇଦିନିଆ ଗସ୍ତ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭିନ୍ ଭିନ ପୂଜା ପେଣ୍ଡାଲ୍‌ମାନ୍‌କୁ ଯାଇକରି ମାଁଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ କର୍ମକର୍ତାମାନ୍‌ଙ୍କର ସଙ୍ଗେ ଆଲୋଚନା କରିଛନ୍ । ସେନ୍ତା କେନ୍ଦୁଝର ସର୍କିଟ୍ ହାଉସ୍‌ଠାନେ ମୁଖ୍ୟମନ୍ତ୍ରୀ ଲୁକ୍‌କର ଅଭିଯୋଗ୍‌ମାନ୍‌କର ଭିଲ୍ ଗ୍ରହଣ କରିଥିଲେ । ଗସ୍ତ ଶେଷ୍ କରି କରି ମୁଖ୍ୟମନ୍ତ୍ରୀ ଆଏଜ୍ ଭୁବନେଶ୍ୱର ଫିର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ୍ ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ହଉଛେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ୍ ଦିବସ୍ ।  ସ୍ୱେଚ୍ଛାକୃତ ରକ୍ତଦାନ୍‌କେ ଡହଁକାବାର୍, ସୁରକ୍ଷିତ ରକ୍ତସଂଚାଲନ୍‌କେ ସୁନିଶ୍ଚିତ୍ କର୍‌ବାର୍, ଜାତୀୟ ରକ୍ତନୀତିକେ କାର୍ଯ୍ୟକାରୀ କର୍‌ବାର୍ ବାଗିର୍ ଲକ୍ଷ୍ୟ ନେଇକରି ସାରା ଦେଶେ ଆଏଜ୍ ଇ ଦିବସ୍ ପାଲନ୍ କରାଯାଏସି । ଖାସ୍ କରି ଥାଲାସିମିଆ, ସିକିଲ୍‌ସେଲ୍, ହେମୋଫିଲିଆ ରୋଗୀମାନ୍‌କୁ ଠିକ୍ ସମିଆଥି ରକ୍ତଦାନ୍ କରିକରି ସେମାନ୍‌ଙ୍କର ଜୀବନ୍ ବଁଚାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଏସି । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝୀ ରକ୍ତଦାନ୍ କ୍ଷେତ୍ରଥି କାମ୍ କରୁଥିବାସବୁ ଅନୁଷ୍ଠାନ୍ ଆଉ ସ୍ୱେଚ୍ଛାସେବୀମାନ୍‌ଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ଜରା ନାଗରିକ ଦିବସ୍ ଆର୍ଏନ୍ୟୁ /ସମ୍ବଲପୁର

ଆଏଜ୍ ହଉଛେ ଅନ୍ତର୍ଜାତୀୟ ଜରା ଦିବସ୍ । ବୃଦ୍ଧ ବଏସର୍ ଲୁକ୍‌କୁ ଆଦର, ସମ୍ମାନ୍ ଆଉ ସେବା ଦେବା ଲକ୍ଷ୍ୟଥି ଫି ବଛର୍ ଅକ୍ଟୋବର ୧ ତାରିଖ୍ ଇ ଦିସବ୍ ପାଲନ୍ କରାଯାଏସି । ସନ୍ତୁଳିତ୍ ଖାଏବାର୍, ଭର୍‌ପୁର ବିଶ୍ରାମ, ନିୟମିତ୍ ସ୍ୱାସ୍ଥ୍ୟ ପରୀକ୍ଷା ଆଉ ହାଲ୍‌କା ଶାରୀରିକ୍ ପରିଶ୍ରମ୍ ଜରିଏ ବୃଦ୍ଧାବସ୍ଥାଥି ସେମାନ୍‌ଙ୍କୁ ଖୁସ୍ ରଖିବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ସୂଚ୍‌ନା ଅନ୍‌ସାରେ, ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ବୟସ୍କମାନ୍‌କର ଲାଗି ୧୦ଟା ଶଯ୍ୟା ଥିବା ଜରା ରୋଗ ୱାର୍ଡ ଆଉ ଚିକିତ୍ସା ବ୍ୟବସ୍ଥା କରାଯାଇଛେ ।

ସେବା ପର୍ବ ଆର୍ଏନ୍ୟୁ/ ସମ୍ବଲପୁର

ସେବା ଆଉ ସୁଶାସନ୍ ମନ୍ତ୍ରଥି ପ୍ରେରିତ ହେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ ଦେଶେ ପରିବର୍ତନ୍ ଆନ୍‌ବାର୍ ଲାଗି ଅହରହ ଚେରେଷ୍ଟା ଜାରି ରଖିଛନ୍ । ଗଲା ୧୧ ବଛର୍ ଭିତ୍‌ରେ ପ୍ରଧାନମନ୍ତ୍ରୀଙ୍କର୍ ନେତୃତ୍ୱଥି ଭାରତ୍‌ର ଜି-୨୦ ଅଧ୍ୟକ୍ଷତା, ସଫଲ୍‌ତା ପ୍ରଦର୍ଶନ୍ କରାଯାଇଛେ । ଯେନ୍‌ଟା ଗ୍ଲୋବାଲ୍ ସାଉଥ୍ ଲାଗି ଗୁଟେ ସୁର୍ ହେବାର୍ ସହେତେ ପୁର୍‌ଥିର୍ ନେତୃତ୍ୱକେ ମଜ୍‌ଭୁତ୍ କରିଛେ । ବସୁଧୈବ କୁଟୁମ୍ବକମ୍ ଭାବ୍‌ନା ଉପ୍‌ରେ ଆଧାରିତ୍ ଇତାର୍ ଅନ୍ତର୍ଗତ୍ ଆଫ୍ରିକୀୟ ସଂଘ ଜି-୨୦ର ସ୍ଥାୟୀ ସଦସ୍ୟ ହେଇଥିଲା ଆଉ ବିଶ୍ୱ ଜୈବ ଇନ୍ଧନ ସଂଘର ଶୁଭାରମ୍ଭ କରାଯାଇଥିଲା । ଇତାର୍‌ଛଡ଼ା ଭାରତ୍‌ର ସାଂସ୍କୃତିକ୍ ଐତିହ୍ୟକେ ସାରା ପୁର୍‌ଥିନ ପ୍ରଦର୍ଶନ୍ କର୍‌ବାର୍ ଲାଗି ଦେଶର୍ ଭିନ୍ ଭିନ୍ ଜାଗା ନ ଜି-୨୦ ବୈଠକ୍‌ମାନ୍ ହେଇଥିଲା ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଗଲା ୨୨ ତାରିଖ୍ ଆଏବା ପିଢ଼ି ଜିଏସ୍‌ଟି ସଂସ୍କାର୍ ସାରା ଦେଶେ ଲାଗୁ କରାଯାଇଛେ । ଇ ସଂସ୍କାର୍‌ଥି ଭିନ୍ ଭିନ୍ ଦରବ୍ ଆଉ ସେବା ଉପ୍‌ରେ ଟିକସ୍‌କେ କମ୍ କରାଯିବାର୍‌ନୁ ଭିନ୍ ଭିନ୍ ବର୍ଗର୍ ଲୋକ୍‌ମାନ୍‌କର୍ ଦ୍ୱାରା ସ୍ୱାଗତ୍ କରାଯାଇଛେ । ଜିଏସ୍‌ଟି- ୨.୦

ଥି ଘରତିଆରି ଦରବ୍ ମାନ୍‌କର୍ ଦାମ୍‌କେ କମ୍ କରାଯାଇଛେ । ମାର୍ବଲ୍, ଗ୍ରାନାଇଟ୍, ସିମେଂଟ୍ ବାଗିର୍ ଦରବ୍ ଉପ୍‌ରୁ ଟିକସ୍ ହାର ୧୨ ନୁ ୫ ପ୍ରତିଶତ୍‌କେ ସର୍‌କାର୍ କମ୍ କରିଛନ୍ । ଇ ପଦକ୍ଷେପ୍ ଲାଗି ଗୃହ ଭିତିଭୂମି ପ୍ରକଳ୍ପ ମାନ୍ ଅଏତ୍‌କା ଲାଭ୍ ପାଏବେ । ସିମେଂଟ୍ ଉପ୍‌ରେ ଜିଏସ୍‌ଟି ୨୮ ନୁ ୧୮ ପ୍ରତିଶତ୍‌କେ କମ୍ କରାଯାଇଛେ ।

ନୂଆପଡ଼ା-ଉପନିର୍ବାଚନ୍‌ର ତୟାରି        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବିଧାନ୍‌ସଭା ଉପନିର୍ବାଚନ୍‌ର ତୟାରି ଜୋର୍‌ସୋର୍‌ଥି ଚାଲିଥିବାର୍‌ବେଲେ ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ମଧୁସୂଦନ୍ ଦାସ ଭିନ୍ ଭିନ୍ ବୁଥ୍ ପରିଦର୍ଶନ୍ କରିଛନ୍ । ନୂଆପଡ଼ା ବ୍ଲକ୍, କୋମ୍‌ନା ବ୍ଲକ୍ ଆଉ ଖରିଆର୍ ରୋଡ୍ ବିଜ୍ଞପିତ ଅଂଚଲ୍ ପରିଷଦ୍ ନ ଥିବା ଭିନ୍ ଭିନ୍ ବିଦ୍ୟାଲୟ ମାନ୍‌କେ ୨ ଶହ ୫୮ ଟା ବୁଥ୍ ରହିଛେ । ଇ ଅବ୍‌ସରେ ମତଦାନ୍ କେନ୍ଦ୍ର ନ ଦର୍‌କାରୀ ସୁବିଧା ସୁଯୋଗ୍ ବାବ୍‌ଦେ ଜିଲ୍ଲାପାଲ୍ ତଦାରଖ୍ କରିଛନ୍ । ଇତାର୍‌ସହେତେ ବୁଥ୍‌ସ୍ତରୀୟ ଅଧିକାରୀ, ବିଏଲ୍‌ଓ ମାନ୍‌କର୍ ଦ୍ୱାରା ଭୋଟର୍ ତାଲିକାର୍ ହାର ସଂଶୋଧନ୍ ବାବ୍‌ଦେ ସେମାନ୍‌କର୍ କାମ୍‌ର ସମୀକ୍ଷା କରିଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଆଣ୍ଡାମାନ୍ ସାଗର୍ ନ ଗଲାକାଏଲ୍ ଗୁଟେ ଘୂର୍ଣ୍ଣିବଲୟ ହେଇଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍ ଉତର୍ ଆଉ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ଅଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ଼ଘଡ଼ି ସଙ୍ଗେ ଜବର୍ ବର୍ଷା ହେଇପାରେ ବଲି କଲାହାଣ୍ଡି ସହେତେ ୮ ଟା ଜିଲ୍ଲାକେ ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ଜୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ୧୦ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ ।